# Akashvani, Sambalpur

## SAMBALPURI NEWS MORNING BULLETIN

## 10 September 2026 - 6.47- 6.52 am.

---

କେନ୍ଦ୍ର କେବିନେଟ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଅର୍ଥନୈତିକ୍ ବ୍ୟାପାର୍ କେବିନେଟ୍ କମିଟି ୧୦ ହଜାର୍ ୭ ଶହ ୮୩ କୋଟି ଟଙ୍କା ଖର୍ଚ୍ଚାଥି ୩ ଟା ରେଲ୍ ପ୍ରକଳ୍ପକେ ମଞ୍ଜୁରୀ ଦେଇଛେ । ୪ ଲେନ୍ ଥିବା ଅଏତ୍‌କା ରେଲ୍ ଚଲାଚଲ୍ କର୍‌ବାର୍ ଲାଗି ୭ ଟା ରେଲ୍ ନେଟ୍‌ୱର୍କକେ ଭିଲ୍ କେବିନେଟ୍‌ଥି ଅନୁମୋଦନ୍ କରାଯାଇଛେ ।

କେବିନେଟ୍ ବୈଠକ୍ ଉତ୍‌ରୁ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍,

(ଭଏସ୍ ଓଭର- ଅଶ୍ୱିନୀ ବୈଷ୍ଣବ)

ଖଡ଼ଗ୍‌ପୁର୍ - ଝାର୍‌ସୁଗୁଡ଼ା ଭିତ୍‌ରେ ୩ ଶହ ୬୭ କିଲୋମିଟର୍ ୪ ନମ୍ବର୍ ରେଲ୍‌ଲାଇନ୍ ପ୍ରକଳ୍ପକେ କେନ୍ଦ୍ର କେବିନେଟ୍ ମଞ୍ଜୁରୀ ଦେଇଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ରେଲ୍‌ମନ୍ତ୍ରୀ

ଅଶ୍ୱିନୀ ବୈଷ୍ଣବ୍‌ଙ୍କୁ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଧନ୍ୟବାଦ୍ ଜନେଇଛନ୍ । ପାଖାପାଖି ୬ ହଜାର୍ ୫ ଶହ ୨୮ କୋଟି ଟଙ୍କାର୍ ଇ ପ୍ରକଳ୍ପ ଓଡ଼ିଶାର୍ ସମ୍ବଲପୁର, ସୁନ୍ଦର୍‌ଗଡ୍ ଆଉ ଝାର୍‌ସୁଗୁଡ଼ା ସହେତେ ପଶ୍ଚିମବଙ୍ଗ୍ ଆଉ ଝାର୍‌ଖଣ୍ଡ୍‌ର ୮ ଟା ଜିଲ୍ଲାକେ ଜୁଡ଼୍‌ବା । ୨୦୨୯-୩୦ ମସିହାତକ୍ ଇ ପ୍ରକଳ୍ପ କାମ୍ ଶେଷ୍ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

ମୁଖ୍ୟମନ୍ତ୍ରୀ-ୟୁଏଇ ଭୁବନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ୟୁଏଇ ଗସ୍ତର୍ ପହେଲା ଦିନେ ଓଡ଼ିଶା ବିଶ୍ୱସ୍ତରୀୟ ଭାଗିଦାରୀକେ ବର୍‌କସ୍ କରିଛେ । ଗଲାକାଏଲ୍ ଆଇ.ଏଚ୍.ସି. ଗ୍ରୁପ୍ ଆଉ ଅଦାନୀ ଗ୍ରୁପ୍ ସହେତେ ଗୋଲ୍‌ଟେବୁଲ୍ ବୈଠକ୍‌ଥି ଆଘୋନୁ ହେଇଥିବା ବୁଝାମଣାପତ୍ରର୍ ପରବର୍ତ୍ତୀ ପଦକ୍ଷେପ୍ ହିସାବେ ସମନ୍ୱିତ ଆଲୁମିନିୟମ୍ ପ୍ରକଳ୍ପ ଲାଗି ଜାଗା ବାଛ୍‌ବାର୍ ପ୍ରକ୍ରିୟା ଆଗ୍‌କେ ବଢ଼ିଛେ । ରାୟଗଡ଼ା କଲ୍ୟାଣ୍‌ସିଂପୁର୍ ନ ଆଲୁମିନା ରିଫାଇନାରୀ ଆଉ ସୁନ୍ଦର୍‌ଗଡ୍ ନ ସ୍ମେଲ୍‌ଟର୍ ଲାଗି ଜମି ପ୍ରସ୍ତାବ୍ ଦିଆଯାଇଛେ । ରାଜ୍ୟ ସର୍‌କାର୍,

ଆଇ.ଏଚ୍.ସି. ଆଉ ଅଦାନୀ ଗ୍ରୁପ୍ ଭିତ୍‌ରେ ୧୪ ଟା ନୂଆଁ ପ୍ରକଳ୍ପ ଲାଗି ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଯେନ୍‌ଥି ପାଖାପାଖି ୨ ଲାଖ୍ ୧୦ ହଜାର୍ ୫ ଶହ କୋଟି ଟଙ୍କାର୍ ନିବେଶ୍ ଆଉ ୮ ଲାଖ୍ ୬୮ ହଜାର୍ ୨ ଶହ ନିଯୁକ୍ତି ସୁଯୋଗ୍ ହେବାର୍ ସମ୍ଭାବନା ରହିଛେ । ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ ମେଟାଲ୍ ଡାଉନ୍‌ଷ୍ଟ୍ରିମ୍, କେମିକାଲ୍ସ, ଅକ୍ଷୟଶକ୍ତି, ସ୍ୱାସ୍ଥ୍ୟ, ପର୍ଯ୍ୟଟନ୍ ରହିଛେ । ଇତାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଦୁବାଇ ନ ପୁହୁଁଚିଛନ୍ । ସେଠାନେ ଆଏଜ୍ ତାଙ୍କର୍ ନେତୃତ୍ୱଥି ନିବେଶକ୍ ଆଉ ଶିଳ୍ପ ପ୍ରତିନିଧି ମାନ୍‌କର୍ ସହେତେ ଭିନ୍ ଭିନ୍ ଉଚ୍ଚସ୍ତରୀୟ ଆଲୋଚନା ହେବା । ଇ ଅବ୍‌ସରେ ଓଡ଼ିଶା ନ ନିବେଶ୍ ସୁଯୋଗ୍ ଆଉ ଶିଳ୍ପ ସମ୍ଭାବନାକେ ସାରା ପୁର୍‌ଥି ଆଗାଡ଼େ ପ୍ରଦର୍ଶନ୍ କରାଯିବା ।

ଯୁବ ନେତୃତ୍ୱ ସଂଳାପ ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ଯୁବପିଢ଼ିଙ୍କର୍ ନେତୃତ୍ୱ, ସୃଜନ୍‌ଶୀଳତା ଆଉ ନବସୃଜନ୍‌କେ ଜାତୀୟସ୍ତର୍ ନ ନୂଆଁ ପରିଚୟ ଦେବାର୍ ଲାଗି ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ

ସୂର୍ଯ୍ୟବଂଶୀ ସୂରଜ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀ ଜରିଏ ବିକଶିତ୍ ଭାରତ୍ ଯୁବ ନେତୃତ୍ୱ ସଂଳାପ ୨୦୨୭ ବାବ୍‌ଦେ ସୂଚ୍‌ନା ଦେଇଛନ୍ । କେନ୍ଦ୍ର ଯୁବ ବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ୍‌ଥି ମାଇ ଭାରତ୍ ତର୍‌ଫୁ ହଉଥିବା ଇ ଅଭିଯାନ୍ ଜରିଏ ଯୁବମାନ୍‌କୁ ବିକଶିତ୍ ଭାରତ୍ ୨୦୪୭ ର ଲକ୍ଷ୍ୟ ଲାଗି ନିଜର୍ ଚିନ୍ତାଧାରା ଆଉ ଅବଦାନ୍ ଦେଖାବାର୍ ସୁଯୋଗ୍ ମିଲ୍‌ବା । ରାଜ୍ୟର୍ ସବୁ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଆଉ ଶିକ୍ଷାନୁଷ୍ଠାନ୍‌ର ଯୁବପିଢ଼ିଙ୍କୁ ମାଇ ଭାରତ୍ ପୋର୍ଟାଲ୍ ଜରିଏ ଇ ପ୍ରତିଯୋଗିତାଥି ପଞ୍ଜିକରଣ୍ କର୍‌ବାର୍‌କେ ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ   ଆର୍‌ଏନ୍‌ୟୁ/ ସମ୍ବଲପୁର

ଆତ୍ମହତ୍ୟା ବାଗିର୍ କଠୋର୍ ନିଷ୍ପତି ନେବାର୍‌ନୁ ଲୁକ୍‌କୁ ଦୂରେ ରଖ୍‌ବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ୍ ପାଲନ୍ କରାଯାଉଛେ । ଆତ୍ମହତ୍ୟା ରୁକ୍‌ବାର୍ ଆଉ ଇ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୨୦୦୩ ମସିହାନୁ ମିଳିତ

ଜାତିସଂଘ ତର୍ଫୁ ଇ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଆତ୍ମହତ୍ୟା ନିବାରଣ୍ ଦିବସ୍‌ର ବିଷୟବସ୍ତୁ ରହିଛେ 'ଆତ୍ମହତ୍ୟାର୍ ବର୍ଣ୍ଣନା ପରିବର୍ତନ୍ କର୍‌ବାର୍' । ଗଲା ଦୁଇ ବଛର୍ ହେଲା ଇ ବିଷେର୍ ଉପ୍‌ରେ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଆଉ ଅନ୍ତର୍ଜାତୀୟ ଆତ୍ମହତ୍ୟା ନିବାରଣ ସଂଘ ତର୍ଫୁ ୩ ବଛର୍ ଲାଗି ଇ ଅଭିଯାନ୍ ଚାଲିଛେ ।

ପ୍ଲାଷ୍ଟିକ୍ ମୁକ୍ତ ଖାଦ୍ୟ ମହୋତ୍ସବ ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ପ୍ରଦୂଷଣ୍ ନିୟନ୍ତ୍ରଣ୍ ବୋର୍ଡ୍ ଆଂଚଲିକ୍ କାର୍ଯ୍ୟାଳୟ ଆଉ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ତର୍ଫୁ ଜିଲ୍ଲା ନ ଏକକ ବ୍ୟବହାର୍ ପ୍ଲାଷ୍ଟିକ୍ ବନ୍ଦ୍ ଆଉ ପରିବେଶ୍ ଅନୁକୂଳ ବିକଳ୍ପ ଅପ୍‌ନାବାର୍‌କେ ତହଁକାବାର୍ ଲକ୍ଷ୍ୟଥି ସମ୍ବଲ୍‌ପୁର୍ ନ ପ୍ଲାଷ୍ଟିକ୍ ମୁକ୍ତ ଖାଦ୍ୟ ମହୋତ୍ସବ୍ ଆୟୋଜନ୍ କରାଯାଇଛେ । ଇ ଅବ୍‌ସରେ ବିଧାୟକ୍ ଜୟନାରାୟଣ୍ ମିଶ୍ର ଦୁକାନୀ ଆଉ ରାସ୍ତାତରାର୍ ବ୍ୟବସାୟୀ, ଅଂଶୀଦାର ଆଉ ସାଧାରଣ୍ ଲୁକ୍‌କୁ ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍ ବେଭାର୍ ନାଇଁ

କରିକରି ତାର୍ ବିକଳ୍ପ ବାଛ୍‌ବାର୍‌କେ ଆହ୍ୱାନ ଦେଇଛନ୍ । କଠିକ୍ ବର୍ଜ୍ୟ ପରିଚାଲନା ନିୟମ୍ ଆଉ ନିୟମ୍ ଭାଙ୍ଗଲେ ତାର୍ ବିରୋଧ୍‌ଥି ହଉଥିବା କାର୍ଯ୍ୟାନୁଷ୍ଠାନ୍ ବାବ୍‌ଦେ ଭିଲ୍ ଇ ଅବ୍‌ସରେ ଲୁକ୍‌କୁ ସଚେତନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ -ମହାବଳୀ ଯାତ୍ରା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଉପଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ମହାବଳୀ ଯାତ୍ରା ପାଳନ୍‌କେ ନେଇକରି ଗୁଟେ ପ୍ରସ୍ତୁତି ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଉପଜିଲ୍ଲାପାଳ୍ ଡକ୍ଟର୍ ସୋମ୍ୟାରୂପା ରଥଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଅଷ୍ଟଚଣ୍ଡୀ ପୂଜକ ଆଉ ସେବାୟତଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ । ଇ ବଛର୍ ଅକ୍ଟୋବର୍ ମାସର୍ ପହେଲା ହପ୍ତାନୁ ନବରାତ୍ରୀ ଆଉ ଦଶ୍‌ରା ପୂଜା ସର୍‌ବାର୍‌ତକ୍ ମହାବଳୀ ଯାତ୍ରା କରାଯିବା । ଯାତ୍ରାକେ ସୁରକ୍ଷିତ୍ ଶୃଙ୍ଖଲିତ୍ ଆଉ ଠିକ୍ ଭାବେ କର୍‌ବାର୍ ଲାଗି ସମ୍ପୃକ୍ତ ବିଭାଗ୍ ମାନେ ତାଲ୍‌ମେଲ୍ ରଖିକରି ଜରୁରୀ ସହଯୋଗ୍ କର୍‌ବାର୍‌କେ ଉପଜିଲ୍ଲାପାଳ୍ ଅନୁରୋଧ୍ କରିଛନ୍ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଅାଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବାକାଏଲ୍ ତକ୍  ବଙ୍ଗୋପସାଗର ନ ଆଉ ଗୁଟେ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍ଥି ସମୁଦ୍ର ଖଁଡ଼ି ଜିଲ୍ଲା ସହେତେ କେନ୍ଦୁଝର୍ ଆଉ ମୟୁର୍ଭଞ୍ଜ୍ ଜିଲ୍ଲାର୍ କେତେଟା ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇତାର୍ସହେତେ ଆଏବା ୫ ଦିନ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ ।